**ସଂକ୍ଷେପରେ**

## ବାଇକ ପୋଡ଼ିଦେଲେ ଦୁର୍ବୃତ୍ତ

**ଗୋପାଳପୁର,୧୦।୧:** ଗୋଳନ୍ଥରା ଥାନା ଅନ୍ତର୍ଗତ ମଦନମୋହନପୁର ମାଟିଆ ସାହିର କେ. ଏରେୟାଙ୍କ ବାଇକ୍‌କୁ କୌଣସି ଦୁର୍ବୃତ୍ତ ପୋଡ଼ି ଦେଇଥିବା ଅଭିଯୋଗ ହୋଇଛି। ଗୁରୁବାର ରାତିରେ ଏରେୟା ନିଜ ଘର ସମ୍ମୁଖରେ ବାଇକ୍ (ନଂ.ଓଡି୦୭ଏ୯୨୮୭) ରଖି ଶୋଇ ପଡ଼ିଥିଲେ। ରାତି ପ୍ରାୟ ୨ଟାରେ କିଛି ଶବ୍ଦ ଶୁଣି ସେ ବାହାରକୁ ଆସିବାରେ ବାଇକ୍ ଜଳୁଥିବା ଦେଖିଥିଲେ। ସ୍ଥାନୀୟ ଲୋକଙ୍କ ସହଯୋଗରେ ନିଆଁକୁ ଆୟତ୍ତ କରାଯାଇଥିଲେ ବାଇକ୍ ଜଳିଯାଇଥିଲା। ଏରେୟା ଶୁକ୍ରବାର ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୭/୨୦ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ଗତ କିଛିମାସ ତଳେ ଏହି ଥାନା ଅନ୍ତର୍ଗତ ଗୋଳନ୍ଥରା, ଗୋବିନ୍ଦନଗରରେ ଦୁଇଟି ବାଇକକୁ ଦୁର୍ବୃତ୍ତମାନେ ପୋଡ଼ି ଦେଇଥିଲେ।

## ପାରଳା ମହାରାଜଙ୍କ ବିୟୋଗରେ ପୂର୍ବତନ ବାଚସ୍ପତିଙ୍କ ଶୋକ

**ବ୍ରହ୍ମପୁର ଅଫିସ,୧୦।୧:** ବ୍ରହ୍ମପୁର ପୂର୍ବତନ ଏମ୍‌ପି ତଥା ପାରଳାଖେମୁଣ୍ଡି ମହାରାଜା ଗୋପୀନାଥ ଗଜପତିଙ୍କ ବିୟୋଗରେ ପୂର୍ବତନ ବାଚସ୍ପତି ଚିନ୍ତାମଣି ଦ୍ୟାନସାମନ୍ତରା ଗଭୀର ଶୋକ ପ୍ରକାଶ କରିଛନ୍ତି। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଅନ୍ୟତମ ପୁରୋଧା କୃଷ୍ଣଚନ୍ଦ୍ର ଗଜପତିଙ୍କ ନାତି ଗୋପୀନାଥଙ୍କ ପ୍ରତି ଅବିଭକ୍ତ ଗଞ୍ଜାମ ଜିଲ୍ଲା ସମେତ ଦକ୍ଷିଣ ଓଡ଼ିଶାବାସୀଙ୍କ ଶ୍ରଦ୍ଧା ଓ ସମ୍ମାନ ଥିଲା। ୧୯୮୯ ଓ ୧୯୯୧ ଲୋକସଭା ନିର୍ବାଚନରେ ସେ ବ୍ରହ୍ମପୁର ଆସନରୁ କଂଗ୍ରେସରୁ ଲଢ଼ି ଦୁଇଥର ଏମ୍‌ପି ହୋଇଥିଲେ। ଦକ୍ଷ ପାର୍ଲାମେଣ୍ଟେରିଆନ ଭାବେ ପରିଚିତ ଥିଲେ। ପାରଳାର ଶେଷ ମହାରାଜା ଗୋପୀନାଥଙ୍କ ପରଲୋକରେ ତାଙ୍କ କନ୍ୟା କଲ୍ୟାଣୀଙ୍କୁ ଚିନ୍ତାମଣି ସମବେଦନା ଜଣାଇବା ସହ ସେହି ଅମର ଆତ୍ମାର ସଦଗତି କାମନା କରିଛନ୍ତି।

## ସିଟି ସାନିଟେଶନ ଫୋରମର ବୈଠକ

**ବ୍ରହ୍ମପୁର ଅଫିସ,୧୦।୧:** ବ୍ରହ୍ମପୁର ସିଟି ସାନିଟେଶନ ଫୋରମର ଏକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ସୁଧୀର କୁମାର ରାଉତଙ୍କ ଅଧକ୍ଷତାରେ ବ୍ରହ୍ମପୁର ମହାନଗର ନିଗମ(ବିଏମସି) ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ବସ୍ତିଉନ୍ନୟନ ଅଧିକାରୀ ଇପ୍‌ସିତା ପ୍ରିୟଦର୍ଶିନୀ ମିଶ୍ର, ଡେପୁଟି କମିଶନର ରୋମାଞ୍ଚଳ ଖମାରୀ ଯୋଗ ଦେଇଥିଲେ। ବ୍ରହ୍ମପୁର ସହରର ପରିମଳ ଓ ପରିବେଶ ସମ୍ପର୍କିତ ବିଭିନ୍ନ ସମସ୍ୟା ଉପରେ ବୈଠକରେ ଆଲୋଚନା କରାଯାଇଥିଲା। ସହରର ବିଭିନ୍ନ ସାହିର ଷ୍ଟାଣ୍ଡପୋଷ୍ଟ ପାଇପ ଟ୍ୟାପ ଭାଙ୍ଗି ଯାଇଥିବାରୁ ଅନେକ ସ୍ଥାନରେ ଜଳ ଅପଚୟ ଘଟୁଥିବା ସମ୍ପର୍କରେ ଫୋରମ ପକ୍ଷରୁ ବିଏମସିର ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଏଥିସହ ସହରର ବିପର୍ଯ୍ୟସ୍ତ ପରିମଳ ନେଇ ଅବଗତ କରାଯାଇଥିଲା। ଘରୋଇ ନର୍ସିଂହୋମ ଓ ଔଷଧ ଦୋକାନଗୁଡ଼ିକରୁ ବାହରୁଥିବା ଆବର୍ଜନା ପରିଚାଳନା, ନିଗମଦ୍ୱାରା ଆବର୍ଜନା ସ୍ଥାନାନ୍ତର ବେଳେ ଗାଡିରେ ଘୋଡଣୀ ପକାଇବା, ଆବର୍ଜନାପୂର୍ଣ୍ଣ ପୋଖରୀ ପୁନରୁଦ୍ଧାର, ଆପାର୍ଟମେଣ୍ଟ ଓ ରେଷ୍ଟୁରାଣ୍ଟଗୁଡ଼ିକରୁ ବାହାରୁଥିବା ବର୍ଜ୍ୟବସ୍ତୁଗୁଡ଼ିକୁ ସୁପରିଚାଳନା କରିବା ଉପରେ ଆଲୋଚନା କରାଯାଇଥିଲା । ଏଥିରେ ଫୋରମର ସମସ୍ତ ସଦସ୍ୟ ତଥା ବିଭିନ୍ନ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ଗାଁରେ ହାତୀ, ସହରରେ କର୍ମଚାରୀ

- ଉତ୍ତର ଘୁମୁସର ବନଖଣ୍ଡରେ ୨୨ ହାତୀ
- ସମୀକ୍ଷା କରିବେ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ

**ଭଞ୍ଜନଗର,୧୦।୧(ଡି.ଏନ.ଏ)**


ଜଗନ୍ନାଥପ୍ରସାଦ ରେଞ୍ଜରେ ହାତୀ।

ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡର ଜଙ୍ଗଲ ନିକଟବର୍ତ୍ତୀ କେତେକ ଗ୍ରାମରେ ହାତୀ, ବାର୍‌ହା ଆତଙ୍କ ଦେଖାଦେଇଛି। ହାତୀ ଜଙ୍ଗଲରୁ ବାହାରି ଖଳାରେ ଥିବା ଚାଷୀଙ୍କ ଧାନ ଫସଲ ନଷ୍ଟ କରୁଛି। ଶନିବାର ସୁଦ୍ଧା ଜଗନ୍ନାଥପ୍ରସାଦ ରେଞ୍ଜରେ ୧୭ ହାତୀ ଥିବାବେଳେ ଗାଲେରୀ ରେଞ୍ଜରେ ୧ ଓ ତାରସିଂ ରେଞ୍ଜରେ ୪ଟି ହାତୀ ଥିବା ଜଣାପଡ଼ିଛି। କେନ୍ଦ୍ରୀୟ ବନାଞ୍ଚଳ ଓ ମୁଜାଗଡ଼ ରେଞ୍ଜରେ ଶୁକ୍ରବାର ହାତୀ ଚଳପ୍ରଚଳ ନଥିବା ଜଣାପଡ଼ିଛି। ୨ଦିନ ପୂର୍ବେ ଏକୁଟିଆ ବୁଲୁଥିବା ମାଖନା ହାତୀଟି ଲୁଣ୍ଡୁରିପଦରର ଚାଷୀମାନଙ୍କ ଖଳାରେ ଥିବା ଧାନ ନଷ୍ଟ କରିଛି। ବନ୍ୟଜନ୍ତୁ ଆତଙ୍କ ଲାଗି ରହିଥିବାବେଳେ କେତେଜଣ କର୍ମଚାରୀ କର୍ମସ୍ଥଳ ଛାଡ଼ି ବେନିୟମ ଭାବେସହରରେ ରହୁଛନ୍ତି। ଏନେଇ କିଛିଦିନ ପୂର୍ବେ ଜଣେ ଉପରିସ୍ଥ ଅଧିକାରୀ ଅଧସ୍ତନ କର୍ମଚାରୀଙ୍କୁ କାହିଁକି କର୍ମସ୍ଥଳୀରେ ରହୁନାହାଁ ବୋଲି ପଚାରିଥିଲେ। ଏଣିକି ନରହିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ। ଓଲଟା ସମ୍ପୃକ୍ତ କର୍ମଚାରୀ ଉପରିସ୍ଥ ଅଧିକାରୀଙ୍କୁ ମଧ୍ୟ ଆଇନର ନାଲି ଆଖି ଦେଖାଇଥିଲେ। କର୍ମଚାରୀମାନଙ୍କ ମଧ୍ୟରେ ସମନ୍ୱୟ ଅଭାବ ଯୋଗୁ ଏଭଳି ସମସ୍ୟା ଉପୁଜିଛି। ଯେଉଁ ଅଞ୍ଚଳର କର୍ମଚାରୀମାନେ କର୍ମସ୍ଥଳ ଛାଡ଼ି ଅନ୍ୟତ୍ର ରହୁଛନ୍ତି ସେଠି ବନ୍ୟଜନ୍ତୁ ଉପଦ୍ରବ ଘଟିଲେ ଲୋକେ ବନ ବିଭାଗକୁ ତୁରନ୍ତ ଖବର ଦେଇପାରୁନାହାନ୍ତି। ଅନ୍ୟପଟେ ଜଙ୍ଗଲରୁ କାଠ ଚୋରିକୁ ନେଇ ମଧ୍ୟ ବିଭିନ୍ନ ସମୟରେ କର୍ମଚାରୀ ଓ ଅଭିଯୁକ୍ତମାନଙ୍କ ମଧ୍ୟରେ ବିବାଦ ଦେଖାଦେଉଛି। କିଛିଦିନ ପୂର୍ବେ ମୁଜାଗଡ଼ ରେଞ୍ଜରେ ଜଣେ କର୍ମଚାରୀଙ୍କୁ ଅଭିଯୁକ୍ତମାନେ ଆକ୍ରମଣ କରିଥିବା ନେଇ ଅଭିଯୋଗ ହୋଇଥିଲା। ଶୁକ୍ରବାର ଏହି ବନଖଣ୍ଡରେ ଜଣେ ମହିଳା ଜଙ୍ଗଲକୁ ଯାଇଥିବାବେଳେ ଜଣେ ମହିଳା କର୍ମଚାରୀଙ୍କ ସହ ତାଙ୍କର ଝଗଡ଼ା ହୋଇଥିଲା। ଅନ୍ୟପକ୍ଷରେ ଜଙ୍ଗଲ କର୍ମଚାରୀଙ୍କ ଉପରେ ମଧ୍ୟ କାମବୋଝ ବଢ଼ୁଛି। ବିଗତ ଦିନରେ ଜଙ୍ଗଲ ସୁରକ୍ଷା ଓ ପୁନରୁଦ୍ଧାର କାର୍ଯ୍ୟପ୍ରତି ବିଭାଗୀୟ କର୍ମଚାରୀଙ୍କୁ ଅଧିକାଂଶ ସମୟ ନିୟୋଜିତ କରାଯାଉଥିଲା। ବର୍ତ୍ତମାନ ଭିତ୍ତିଭୂମି, ପରିବେଶ, ପର୍ଯ୍ୟଟନ ସହ ଅନ୍ୟାନ୍ୟ କାର୍ଯ୍ୟରେ କର୍ମଚାରୀଙ୍କୁ ନିୟୋଜିତ କରାଯାଉଛି। ଏହିଭଳି ପରିସ୍ଥିତିରେ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଶନିବାର ଉତ୍ତର ଘୁମୁସର ବନଖଣ୍ଡ ଗସ୍ତରେ ଆସି ବିଭାଗରେ ଚାଲିଥିବା ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିବେ। ଏନେଇ ଡିଏଫ୍‌ଓ ଅଭୟ କୁମାର ଦଳେଇଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ବନ୍ୟଜନ୍ତୁ ସହ ଲୋକଙ୍କ ଧନଜୀବନ କିଭଳି ସୁରକ୍ଷିତ ରହିବ ସେନେଇ ପଦକ୍ଷେପ ନିଆଯାଉଛି।

ଇଷ୍ଟଜୋନ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା କ୍ରିକେଟ ଟୁର୍ନାମେଣ୍ଟ

# କ୍ୱାର୍ଟର ଫାଇନାଲରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଟିମ୍


ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ମହିଳା ଦଳ।

**ବ୍ରହ୍ମପୁର ଅଫିସ,୧୦।୧**

ମଧ୍ୟପ୍ରଦେଶର ରେୱା ଏପିଏସ୍ ବିଶ୍ୱବିଦ୍ୟାଳୟଠାରେ ଚାଲିଥିବା ଇଷ୍ଟଜୋନ ଆନ୍ତଃବିଶ୍ୱବିଦ୍ୟାଳୟ ମହିଳା କ୍ରିକେଟ ଟୁର୍ନାମେଣ୍ଟରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଟିମ୍ ଭଲ ପ୍ରଦର୍ଶନ କରିଛି। ପ୍ରଥମ ଦିନରେ ଟିମ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି । ଶନିବାର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଟିମ ଭିବିଏସ ପୂର୍ବାଞ୍ଚଳ ବିଶ୍ୱବିଦ୍ୟାଳୟ ସହ କ୍ୱାଟର ଫାଇନାଲ ମ୍ୟାଚ ଖେଳିବ । ଏହି ଅବସରରେ ବିଶ୍ୱବିଦ୍ୟାଳୟ କ୍ରୀଡା ପରିଷଦ ସମ୍ପାଦିକା ପ୍ରଫେସର ପୁଷ୍ପାଞ୍ଜଳି ସାମନ୍ତରାୟଙ୍କ ସମେତ କ୍ରୀଡା ପରିଷଦର ସମସ୍ତ କର୍ମକର୍ତ୍ତା ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ସଫେଇ ଆଳରେ ଲୁଟିନେଲେ ସୁନାଗହଣା

**ବ୍ରହ୍ମପୁର ଅଫିସ,୧୦।୧**

ସଫେଇ ଆଳରେ ନୀଳକଣ୍ଠନଗର ନିକଟ ହାଉସିଂବୋର୍ଡ଼ ଷ୍ଟେଜ-୧ରେ ରହୁଥିବା ଜଣେ ମହିଳାଙ୍କଠାରୁ ଦୁର୍ବୃତ୍ତମାନେ ପ୍ରାୟ ୨ଭରିର ସୁନାଗହଣା ଲୁଟି ନେଇଛନ୍ତି। ଠକେଇର ଶିକାର ହୋଇଛନ୍ତି ମାନସ ରଞ୍ଜନ ପଣ୍ଡାଙ୍କ ସ୍ତ୍ରୀ ନନ୍ଦିନୀ।

ଶୁକ୍ରବାର ପୂର୍ବାହ୍ନ ପ୍ରାୟ ସାଢେ ୧୧ଟାରେ ୨ ଯୁବକ ନନ୍ଦିନୀଙ୍କ ଘରକୁ ଆସି ସେମାନେ ଉଜାଲା କମ୍ପାନୀର ସେଲସ୍‌ମ୍ୟାନ ବୋଲି କହିଥିଲେ। ସୁନାଗହଣା ସଫେଇ ପାଇଁ କମ୍ପାନୀ ତରଫରୁ ଏକ ପାଉଡର ଆସିଛି। ମାଗଣାରେ ସେମାନେ ଗହଣା ସଫେଇ କରିଦେବେ ବୋଲି କହିଥିଲେ। ବିଶ୍ୱାସ ଜନ୍ମାଇ ପ୍ରଥମେ ସେମାନେ ନନ୍ଦିନୀଙ୍କ ପାଉଁଜି ମାଗି ତାହାକୁ ଗରମ ପାଣିରେ ପାଉଡର ପକାଇ ସଫା କରିଥିଲେ। ପରେ ସେମାନେ ନନ୍ଦିନୀଙ୍କୁ ଅନ୍ୟ ଏକ ପାତ୍ରରେ ଗରମ ପାଣି ଆଣିବାକୁ କହି ସେଥିରେ ତାଙ୍କ ସୁନାଗହଣା ପକାଇବାକୁ କହିଥିଲେ। ପାଉଁଜି ସଫା ହୋଇଥିବା ଦେଖି ନନ୍ଦିନୀ ପିନ୍ଧିଥିବା କାନଫୁଲ, ମୁଦି ଓ ମଙ୍ଗଳସୂତ୍ର ସଫା କରିବାକୁ ଦେଇଥିଲେ। ଯୁବକଦ୍ୱୟ କୌଶଳକ୍ରମେ ସେ ସବୁ ନେଇଯାଇ ପାତ୍ରଟିକୁ ଘରକୁ ନେଇ କିଛି ସମୟ ପରେ ଦେଖିବାକୁ ନନ୍ଦିନୀଙ୍କୁ କହିଥିଲେ। କିଛି ସମୟ ପରେ ସେ ପାଣି ପାତ୍ରରୁ ଗହଣା ବାହାର କରିବାକୁ ଗଲାବେଳେ ତାହା ନ ଥିବା ଜାଣି ବାହାରରେ ଯୁବକଦ୍ୱୟ ବି ଚମ୍ପଟ ମାରିଥିବା ଦେଖିଥିଲେ। ଏ ନେଇ ଥାନାରେ ସେ ଅଭିଯୋଗ କରି ନ ଥିବା ଜଣାପଡିଛି।

# ଆଉ ୨ ନାବାଳିକା ଉଦ୍ଧାର, ମିଳିନି ୭ ଜଣଙ୍କ ପତ୍ତା

**ବ୍ରହ୍ମପୁର ଅଫିସ,୧୦।୧**

ଗୋଷାଣୀନୂଆଗାଁ ଥାନା ଉତ୍କଳ ବାଳାଶ୍ରମରୁ ଗତ ୬ ତାରିଖରେ ଫେରାର୍ ହୋଇଯାଇଥିବା ୧୩ ନାବାଳିକାଙ୍କ ମଧ୍ୟରୁ ପୂର୍ବରୁ ୪ ଜଣ ଉଦ୍ଧାର ହୋଇଥିଲେ। ଶୁକ୍ରବାର ଆଉ ୨ ଜଣଙ୍କୁ ସ୍ୱତନ୍ତ୍ର ଟିମ ଉଦ୍ଧାର କରିଛି। ସେମାନଙ୍କ ମଧ୍ୟରୁ ଜଣଙ୍କୁ ଭୁବନେଶ୍ୱରର ଖଣ୍ଡଗିରି ଅଞ୍ଚଳରୁ ଓ ଅନ୍ୟ ଜଣେ କେନ୍ଦ୍ରାପଡ଼ାରୁ ଫେରୁଥିବା ବେଳେ ତାଙ୍କୁ କଟକ ବସଷ୍ଟାଣ୍ଡରୁ ଉଦ୍ଧାର କରାଯାଇଥିବା ଥାନାଧିକାରୀ ସୁମିତ କୁମାର ସୋରେନ ସୂଚନା ଦେଇଛନ୍ତି। ଫେରାର୍ ନାବାଳିକାମାନଙ୍କ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୬ ଜଣ ଉଦ୍ଧାର ହେଲେଣି। ଅନ୍ୟପକ୍ଷରେ ଘଟଣାର ୪ଦିନପରେ ଆଉ ୭ ଜଣଙ୍କ ପତ୍ତା ଏ ଯାଏ ମିଳିପାରିନାହିଁ। ସେମାନେ ସେମାନେ କେଉଁଠି ଏବଂ କିପରି ଅଛନ୍ତି ତାହା ଅସ୍ପଷ୍ଟ ରହିଛି। ପୂର୍ବରୁ ଉଦ୍ଧାର ହୋଇଥିବା ୪ ଅନ୍ତେବାସୀଙ୍କ ଶିଶୁ ମଙ୍ଗଳ ଅଧିକାରଙ୍କ ନିକଟରେ ହାଜର କରାଯାଇଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

**ବାଳାଶ୍ରମରୁ ଅନ୍ତେବାସୀ ଫେରାର୍ ଘଟଣା**

ସୂଚନାଯୋଗ୍ୟ, ଗତବର୍ଷ ୬ ନାବାଳିକା ଉତ୍କଳ ବାଳାଶ୍ରମରୁ ଚମ୍ପଟ ମାରିଥିଲେ। ସେମାନଙ୍କୁ ଅଦ୍ୟାବଧି ଉଦ୍ଧାର କରାଯାଇ ପାରିନାହିଁ। ଅସୁରକ୍ଷିତ ଭାବେ ଅନ୍ତେବାସୀମାନେ ବାଳାଶ୍ରମରେ ରହୁଥିବା ଯୋଗୁ ଏଭଳି ଘଟଣା ବାରମ୍ବାର ଘଟୁଛି। ଅନ୍ତେବାସୀଙ୍କ ମନ କଥା ବୁଝିବା ପାଇଁ ସତେ ଯେପରି ସେଠାରେ କେହି ନାହାନ୍ତି। ଅନ୍ୟପକ୍ଷରେ ବାଳାଶ୍ରମର ପାଚେରି ନିର୍ମାଣ ପାଇଁ ବାରମ୍ବାର ଦାବି ହେଉଥିଲେ ମଧ ସେଥିପ୍ରତି କେହି ଦୃଷ୍ଟି ନ ଦେବା ଘୋର ଉଦବେଗର ବିଷୟ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି।

## ଅବାଧ ବୃକ୍ଷକଟା ବନ୍ଦ ଦାବି
## କେନ୍ଦ୍ରମନ୍ତ୍ରୀଙ୍କୁ ଦାବିପତ୍ର ଦେଲା ସବୁଜ ବାହିନୀ

**ବ୍ରହ୍ମପୁର ଅଫିସ, ୧୦।୧**

ବ୍ରହ୍ମପୁର ସ୍ୱତନ୍ତ୍ର ପ୍ରଦିକ୍ଷଣ ଗୃହଠାରେ ଶୁକ୍ରବାର କେନ୍ଦ୍ର ଜଙ୍ଗଲ ପରିବେଶ ମନ୍ତ୍ରୀ ବାବୁଲ ସୁପ୍ରିୟୋ, ପୂର୍ବତନ ଏମ୍‌ପି ତଥା ଭାଜପା ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡାଙ୍କୁ ଆଞ୍ଚଳିକ ବିକାଶ ପରିଷଦ ଓ ବ୍ରହ୍ମପୁର ସବୁଜ ବାହିନୀ କର୍ମକର୍ତ୍ତା ସାକ୍ଷାତ କରିଛନ୍ତି। ପରିଷଦ ପକ୍ଷରୁ ଉଭୟଙ୍କୁ କୃତ୍ରିମ ଘର ଚଟିଆ ଘର ପ୍ରଦାନ କରାଯାଇଥିଲା। ରାଜ୍ୟରେ ପ୍ରତିଦିନ ଶହଶହ ବୃକ୍ଷକୁ କଟାଯାଉଛି। ଏହାକୁ ରୋକିବା ଓ ଓଡିଶାକୁ ଗୋଟିଏ ବୃକ୍ଷ ପ୍ରତିରୋପଣ ଯନ୍ତ୍ର ଆଣିବା ନିମନ୍ତେ ସଂଗଠନ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ତେବେ ଏଥିନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଦାବିପତ୍ର ବେଳେ ଆଞ୍ଚଳିକ ବିକାଶ ପରିଷଦର ସଭାପତି ସାଗର ପାତ୍ର, ସବୁଜ ବାହିନୀର ସଭାପତି ଶିବରାମ ପାଣିଗ୍ରାହୀ, ସଂପାଦକ ଏମ. ଦିଲୀପ କୁମାର, ଡା. ସାଗର ରଞ୍ଜନ ତ୍ରିପାଠୀ, ସଞ୍ଜୟ ପାତ୍ର, ବନମାଳୀ ପ୍ରଧାନ, ସୂର୍ଯ୍ୟ ନାରାୟଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଭାଉଜଙ୍କୁ ଆକ୍ରମଣ ଅଭିଯୋଗ

**ଗୋପାଳପୁର,୧୦।୧**

ଗୋଳନ୍ଥରା ଥାନା ଅନ୍ତର୍ଗତ ମନହରା ଗ୍ରାମର ଜଣେ ମହିଳାଙ୍କୁ ଗୁରୁବାର ରାତିରେ ତାଙ୍କ ଦିଅର ଆକ୍ରମଣ କରିବା ସହ ଟଣାଓଟରା କରିଥିବା ଅଭିଯୋଗ ହୋଇଛି। ଶୁକ୍ରବାର ମହିଳାଙ୍କ ସମ୍ପର୍କୀୟ ଭାଇଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୬/୨୦) ରୁଜୁ କରିଛି। ଗୁରୁବାର ରାତରେ କୌଣସି ଏକ କଥାକୁ ନେଇ ଦିଅର, ଭାଉଜଙ୍କ ମଧ୍ୟରେ ପ୍ରଥମେ ବଚସା ହୋଇଥିଲା। ପରେ ଏହା ଉଗ୍ରରୂପ ନେଇଥିଲା। ଉତ୍ତ୍ୟକ୍ତ ହୋଇ ଭାଉଜଙ୍କୁ ଦିଅର ଅସଭ୍ୟ ଭାଷାରେ ଗାଳିଗୁଲଜ କରି ଆକ୍ରମଣ ଓ ପରେ ହତ୍ୟା ଧମକ ଦେବା ସହ ଟଣାଓଟରା କରିଥିଲେ। ଅଭିଯୋଗ ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ସଡ଼କ ସୁରକ୍ଷା ସପ୍ତାହ ପାଳନ ଲାଗି ପ୍ରତିଯୋଗିତା


ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ଛାତ୍ରୀଛାତ୍ର ।

**ବ୍ରହ୍ମପୁର ଅଫିସ,୧୦।୧**

ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସହଯୋଗରେ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ ପରିପ୍ରେକ୍ଷୀରେ ଜିଲାସ୍ତରୀୟ ଚିତ୍ରାଙ୍କନ, ସ୍ଲୋଗାନ ଲିଖନ ପ୍ରତିଯୋଗିତା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଗିରିରୋଡ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ଏହି ପ୍ରତିଯୋଗିତାକୁ ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ. ପ୍ରଭାତୀ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ପ୍ରତିଯୋଗିତାରେ କନିଷ୍ଠ ଓ ବରିଷ୍ଠ ବର୍ଗରେ ଜିଲାର ବିଭିନ୍ନ ବିଦ୍ୟାଳୟରୁ ୧୬୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବିଚାରକ ଭାବେ ସ୍ଲୋଗାନରେ ସୀମାଞ୍ଚଳ ନାହାକ, ସୁଜତା ମହାରଣା, ଆର. ଭୀମରାଜୁ, ବିଜୟ କୁମାର ପାଣିଗ୍ରାହୀ ଏବଂ ଚିତ୍ରାଙ୍କନରେ ସୁକୁମାଥି ଥିୟୁ, ଗୋପାଳକୃଷ୍ଣ ପାଢୀ, କରୁଣାକର ପାତ୍ର, ନିର୍ମଳ ବେହେରା, କବିତା ନାୟକ, ଶୁଭାଙ୍ଗିନୀ ବରାଳ ପ୍ରମୁଖ ଯୋଗ ଦେଇଥିଲେ । ନିହାର ରଞ୍ଜନ ସାହୁ, ଅଜିତ ସାବତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । କୃତୀ ପ୍ରତିଯୋଗୀଙ୍କୁ ଆସନ୍ତା ୧୭ ତାରିଖ ସଡ଼କ ସୁରକ୍ଷା ସପ୍ତାହର ଉଦଯାପନୀ ଦିବସରେ ପୁରସ୍କୃତ କରାଯିବ।

# ସେମିଫାଇନାଲରେ ଷ୍ଟାର ଇଲେଭେନ ଟିମ୍

**ଆନ୍ତଃରାଜ୍ୟ ଟେନିସ ବଲ କ୍ରିକେଟ ଟୁର୍ନାମେଣ୍ଟ**

**ବ୍ରହ୍ମପୁର ଅଫିସ,୧୦।୧**

ଗୋଷାଣିନୂଆଗାଁ କେ.ସି.ହାଇସ୍କୁଲ ପଡିଆଠାରେ କେସି ଏକାଦଶ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଆନ୍ତଃରାଜ୍ୟ ଟେନିସ ବଲ କ୍ରିକେଟ ଟୁର୍ନାମେଣ୍ଟର ଷଷ୍ଠ ଦିବସ ଶୁକ୍ରବାର ଅଶୋକ ନଗରର ଷ୍ଟାର ଇଲେଭେନ ଓ କନିଷିର ଫୋର୍ସ ଇଲେଭେନ ମଧ୍ୟରେ କ୍ୱାର୍ଟର ଫାଇନାଲ ମ୍ୟାଚ ଖେଳାଯାଇଥିଲା ।

ଫୋର୍ସ ଇଲେଭେନ ଟିମ୍ ଟସ ଜିତି ପ୍ରଥମେ ବୋଲିଂ ପାଇଁ ନିଷ୍ପତ୍ତି ନେଇଥିଲା । ଷ୍ଟାର ଇଲେଭେନ ଟିମ ପ୍ରଥମ ଇନିଂସରେ ନିର୍ଦ୍ଧାରିତ ୧୨ ଓଭର ଖେଳି ୭ ଉଇକେଟ ହରାଇ ୧୭୭ ରନ ସଂଗ୍ରହ କରିଥିଲା । ଜବାବରେ ଫୋର୍ସ ଇଲେଭେନ ୯ ଉଇକେଟ ହରାଇ ୧୫୩ ରନ ସଂଗ୍ରହ କରି ପରାଜିତ ହେବାରୁ ଷ୍ଟାର ଇଲେଭେନ ସେମିଫାଇନାଲକୁ ପ୍ରବେଶ କରିଛି। ଅତିଥି ଭାବେ ସିଟି କିଚେନର ନୀତୀନ କୁମାର ସାହୁ ଯୋଗ ଦେଇଥିଲେ। ଅମୀୟ କୁମାର ଦାଶ, ବରେଶ ମହାପାତ୍ର, ରାମଚନ୍ଦ୍ର ବେହେରା, ଲିପନ ପାଣିଗ୍ରାହୀ, ସିପନ ପାଣିଗ୍ରାହୀ, ବିଜୟ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଡି. ରଜନୀକାନ୍ତ ରେଡ୍ଡୀ ଓ ସୁବ୍ରତ ବକ୍ସି ପଟ୍ଟନାୟକ ରେଫରି ଭାବେ ମ୍ୟାଚକୁ ପରିଚାଳନା କରିଥିଲେ। ସୂର୍ଯ୍ୟ ନାରାୟଣ ପରିଡା ସ୍କୋରର ରହିଥିଲେ।

# ବ୍ରହ୍ମପୁର ବନଖଣ୍ଡରେ ୧୨, ୩୩୨ ପକ୍ଷୀ

**ବ୍ରହ୍ମପୁର ଅଫିସ,୧୦।୧**

ବ୍ରହ୍ମପୁର ବନଖଣ୍ଡ ଅଞ୍ଚଳରେ ପକ୍ଷୀ ଗଣନା ସରିଛି। ଗତବର୍ଷ ତୁଳନାରେ ଚଳିତ ବର୍ଷ ପକ୍ଷୀ ସଂଖ୍ୟା ବଢ଼ିଛି। ବନଖଣ୍ଡ ଅନ୍ତର୍ଗତ ବ୍ରହ୍ମପୁର, ଦିଗପହଣ୍ଡି, ସାମନ୍ତିଆପଲ୍ଲୀ ଓ ଖଲ୍ଲିକୋଟ ରେଞ୍ଜରେ ୭୨ ପ୍ରଜାତିର ୧୨, ୩୩୨ ପକ୍ଷୀ ଥିବା ଠାବ କରାଯାଇଛି। ଖଲ୍ଲିକୋଟ ରେଞ୍ଜ ଅନ୍ତର୍ଗତ ବଡହୁମ୍ମାରେ ସର୍ବାଧିକ ୨, ୮୩୨ ପକ୍ଷୀ ଥିବା ବେଳେ ବ୍ରହ୍ମପୁର ରେଞ୍ଜ ତାମ୍ପରା ହ୍ରଦରେ ୮୯୦ ଓ ସାମାନ୍ତିଆପଲ୍ଲୀ ରେଞ୍ଜ ପଣ୍ଡା ସାଗରରେ ୫୧୦ ପକ୍ଷୀ ଅଛନ୍ତି। ଚଳିତବର୍ଷ ପାଗ ଅନୁକୂଳ ଥିବାରୁ ବିଦେଶୀ ପକ୍ଷୀଙ୍କୁ ଏଠାକାର ପରିବେଶ ଆକୃଷ୍ଟ କରିଛି। ତାମ୍ପରା ହ୍ରଦ, ଦକ୍ଷିଣପୁର ଘାଇ, ବାହୁଦା ନଦୀ, ହୁମ୍ମା ଲୁଣି ହ୍ରଦ, ଋଷିକୁଲ୍ୟା ମୁହାଣ, ପଣ୍ଡା ସାଗର, ଗୋପାଳ ସାଗର, ବାଘଲଟି ରିଜର୍ଭର, କନଲିରା, କଳିଙ୍ଗଦୋଳା, ଘୋଡାହାଡ଼ ଡ୍ୟାମ, ଚକ୍ରବର୍ତ୍ତୀ ସାଗର, ଓଡ଼ସିଙ୍ଗି ସାଗର ଆଦିରେ ପକ୍ଷୀଙ୍କ ସଂଖ୍ୟା ଅଧିକ ରହିଛି। ପକ୍ଷୀମାନଙ୍କ ମଧ୍ୟରେ ଏସିଆନ ଓପନ ବିଲ ଷ୍ଟର୍କ ୧୯୦୫ଟି, ଇଣ୍ଡିଆନ ପଣ୍ଡ ହାର୍ନ ୧୨୬୦, ଲିଟିଲ କର୍ମରାଣ୍ଟ ୧୧୯୫, ଲିଟିଲ ଏଗ୍ରେଟ ୭୮୫, କେଟଲ ଏଗ୍ରେଟ ୭୫୧ଟି ରହିଥିବା ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ଅମ୍ଲାନ ନାୟକ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ୨୦୧୯ରେ ଗଣନା ବେଳେ ବ୍ରହ୍ମପୁର ବନଖଣ୍ଡର ୩୮ ଜଳାଶୟରେ ୯୨ ପ୍ରଜାତିର ୧୧,୯୧୧ ପକ୍ଷୀ ଥିଲେ। ୨୦୧୮ରେ ମୋଟ ୮,୩୮୦ ପକ୍ଷୀ ଥିବା ଠାବ କରାଯାଇଥିଲା। ଚଳିତବର୍ଷ ପକ୍ଷୀଙ୍କ ସଂଖ୍ୟା ବଢ଼ିଥିବା ଜଣାପଡିଛି। ମୋଟ ୩୭ଟି ଦଳ ପକ୍ଷୀ ଗଣନାରେ ସାମିଲ ହୋଇଥିଲେ।


ବ୍ରହ୍ମପୁର ବନଖଣ୍ଡ ଅଞ୍ଚଳର ପକ୍ଷୀ।

# ସ୍କାଉଟ୍ ଆଣ୍ଡ ଗାଇଡ୍ ରାଜ୍ୟ ପୁରସ୍କାର ଶିବିର ଉଦ୍‌ଯାପିତ

**ବ୍ରହ୍ମପୁର ଅଫିସ,୧୦।୧**


ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

ସ୍ଥାନୀୟ ନୀଳକଣ୍ଠ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଗଞ୍ଜାମ ଜିଲା ଭାରତ ସ୍କାଉଟ୍ ଆଣ୍ଡ ଗାଇଡର ରାଜ୍ୟ ପୁରସ୍କାର ଶିବିର ଉଦ୍‌ଯାପିତ ହୋଇଛି। ଜିଲା ସମ୍ପାଦକ ଭାଗିରଥୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରରେ ବିଭିନ୍ନ ପର୍ଯ୍ୟାୟରେ ମୋଟ ୭୫୬ ସ୍କାଉଟ, ଗାଇଡ୍ ଅଂଶ ଗ୍ରହଣ କରିଥିଲେ । ପରୀକ୍ଷକ ଭାବେ ରାଜ୍ୟ ମୁଖ୍ୟ କାର୍ଯ୍ୟାଳୟର ସହକାରୀ ରାଜ୍ୟ ସମ୍ପାଦକ ତଥା କମିଶନର ତୁଷାରକାନ୍ତ ଆଚାର୍ଯ୍ୟ, ସନ୍ତୋଷ ଦେଓ ଯୋଗଦେଇଥିଲେ। ଉଦଯାପନୀରେ ଜିଲା ମୁଖ୍ୟ କମିଶନର ତଥା ଜିଲା ଶିକ୍ଷାଧିକାରୀ ଡ. ସନାତନ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସ୍କାଉଟ ଜିଲା କମିଶନର ଏସ. ଗିରିଧର , କୁକୁଡାଖଣ୍ଡି ଗୋଷ୍ଠୀ ଶିକ୍ଷାଧିକାରୀ ଶାନ୍ତିଲତା ମୁନି ପ୍ରମୁଖ ଉପସ୍ଥିତ ଥିଲେ । ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନାଚାର୍ଯ୍ୟା ଉମାଧବ ମହାନ୍ତି ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମକୁ ସହ କମିଶନର ରାମହରି ସାହୁ, ଗଣେଶ ବିଦ୍ୟାପୀଠ ପ୍ରଧାନଶିକ୍ଷକ ରାମଚନ୍ଦ୍ର ବିଷୋୟୀ, ସଙ୍ଗଠନ କମିଶନର ଲକ୍ଷ୍ମୀନାରାୟଣ ପଣ୍ଡା, ଗାଇଡ ଟ୍ରେନିଂ କମିଶନର ସ୍ୱପ୍ନା ପାଣିଗ୍ରାହୀ ପ୍ରମୁଖ ପରିଚାଳନା କରିଥିଲେ । ସ୍କାଉଟ ମାଷ୍ଟର କିଶୋର ଦାଶ, ସୁରେଶ ପାଢୀ, ଟ୍ରେନିଂ କମିଶନର ବିକ୍ରମ ମହାରଣା, କେଦାର ମହାପାତ୍ର, ସୁଜାତା ଦାଶ, ରାସେଶ୍ୱରୀ ପଟ୍ଟନାୟକ ଓ ସୂର୍ଯ୍ୟମଣି ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

